# NATIONAL NEWS BULLETIN (ODIA)

## 26 June - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଏସ୍.ସି.ଓ. ପ୍ରତିରକ୍ଷା ମନ୍ତ୍ରୀ ସ୍ତରୀୟ ବୈଠକରେ ଆଲୋଚନାର ନିଷ୍କର୍ଷ ମିଳିନାହିଁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ।
- ସର୍ତ୍ତାବଳୀ ପୂରଣ କରିନଥିବା ୩୪୫ଟି ପଞ୍ଜିକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳକୁ ତାଲିକାରୁ ବାଦ୍ ଦେବା ପ୍ରକ୍ରିୟା ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆରମ୍ଭ ।
- ଭବିଷ୍ୟତ ମହାକାଶ ଗବେଷଣା କ୍ଷେତ୍ରରେ ଏକ୍ସିଓମ୍-ଫୋର୍ ମିଶନ୍ ଗୁରୁତ୍ୱପୂର୍ଣ୍ଣ ସହଯୋଗ ପ୍ରଦାନ କରିବ, କହିଲେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ।
- ପୁରୀ ଶ୍ରୀକ୍ଷେତ୍ରରେ ଆସନ୍ତାକାଲି ଅନୁଷ୍ଠିତ ହେବ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ।

ଏବଂ

- ଗ୍ୱାଲିୟର୍-ବେଙ୍ଗାଲୁରୁ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କଲେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ।

## ଏମ୍ଇଏ-ବ୍ରିଫିଙ୍ଗ୍

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ସାଂଘାଇ ସହଯୋଗ ସଂଗଠନ ଏସ୍.ସି.ଓ. ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକରେ ଅଂଶଗ୍ରହଣ କରୁଥିବା ସଦସ୍ୟ ଦେଶମାନେ ମିଳିତ ନିଷ୍ପତ୍ତି ଗ୍ରହଣ କରିପାରି ନାହାନ୍ତି । କିଛି ସଦସ୍ୟ ଦେଶ କେତେକ ପ୍ରସଙ୍ଗରେ ମିଳିତ ସହମତିରେ ପହଞ୍ଚି ପାରି ନଥିବାରୁ କେତେକ ପ୍ରସଙ୍ଗରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇପାରି ନାହିଁ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଶ୍ରୀ ସିଂହ କହିଛନ୍ତି, ଆତଙ୍କବାଦ ପ୍ରସଙ୍ଗରେ ସମସ୍ତ ଦେଶ ମିଳିତ ନିଷ୍ପତ୍ତି ଗ୍ରହଣ କରିବା ଉଚିତ୍, ଯାହା କୌଣସି ଗୋଟିଏ ଦେଶ ପାଇଁ ଗ୍ରହଣୀୟ ହେବା କଥା ନୁହେଁ । ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ସଦସ୍ୟ ଦେଶଗୁଡ଼ିକୁ ଆତଙ୍କବାଦ

ବିରୁଦ୍ଧରେ ଲଢ଼ିବା ପାଇଁ ଏକାଠି ହେବାକୁ ଆହ୍ୱାନ କରିଛନ୍ତି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

ଅପରେସନ ସିନ୍ଧୁ ପ୍ରସଙ୍ଗରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ଇରାନ୍‌ରୁ ୩ହଜାର ୪୨୬ ଜଣ ଏବଂ ଇସ୍ରାଏଲ୍‌ରୁ ୮୧୮ ଜଣ ଭାରତୀୟଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ଫେରାଇ ଅଣାଯାଇଛି । ସେ କହିଛନ୍ତି, ଇରାନ୍ ସରକାର ତାଙ୍କ ଆକାଶମାର୍ଗରେ ଉଡ଼ାଣ ଅନୁମତି ଦେଇଥିବାରୁ ଭାରତ ତାଙ୍କୁ ଧନ୍ୟବାଦ ଜଣାଉଛି ।

ଭାରତ-କାନାଡ଼ା ସମ୍ପର୍କ ବିଷୟରେ ବୈଦେଶିକ ମନ୍ତ୍ରଣାଳୟ କହିଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲ୍‌ବେଟାର କାନାନାସ୍କିସ୍‌ଠାରେ ଅନୁଷ୍ଠିତ ଜି-ସେଭେନ୍ ସମ୍ମିଳନୀରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ସହ ଦ୍ୱିପକ୍ଷିୟ ଆଲୋଚନା କରିଛନ୍ତି । ଏହି ବୈଠକରେ ଉଭୟ ପକ୍ଷ ପାରସ୍ପରିକ ସମ୍ପର୍କ ଦୃଢ଼ କରିବାକୁ ଉଭୟ ଦେଶର ଉଚ୍ଚାୟୁକ୍ତମାନଙ୍କୁ କାନାଡ଼ା ଏବଂ ଭାରତର ରାଜଧାନୀକୁ ଶୀଘ୍ର ଫେରିବାକୁ ସହମତି ପ୍ରକାଶ କରିଛନ୍ତି ।

## ଇସିଆଇ-ଡିଲିଷ୍ଟିଙ୍ଗ୍

ନିର୍ବାଚନ ଆୟୋଗ ଆବଶ୍ୟକୀୟ ସର୍ତ୍ତାବଳୀ ପୂରଣ ନକରିବା ପାଇଁ ୩୪୫ଟି ପଞ୍ଜିକୃତ ଅଣସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳକୁ ତାଲିକାରୁ ବାଦ୍ ଦେବା ପ୍ରକ୍ରିୟା ଆରମ୍ଭ କରିଛନ୍ତି । ୨୦୧୯ ପରଠାରୁ ଲୋକସଭା, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ କିମ୍ବା ଉପନିର୍ବାଚନ ଲଢ଼ି ନ ଥିବା ଦଳ ଗୁଡ଼ିକୁ ତାଲିକାରୁ ବାଦ୍ ଦେବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଏହି ଦଳଗୁଡ଼ିକର କାର୍ଯ୍ୟାଳୟ ଦେଶର କୌଣସି ସ୍ଥାନରେ ଖୋଲି ପାରିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି ।

## ଏକ୍ସିଓମ୍- ଜିତେନ୍ଦ୍ର ସିଂହ

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଏକ୍ସିଓମ୍-୪ ମିଶନ୍ ସଫଳତାର ସହ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ସଂଯୁକ୍ତ ହୋଇପାରିଛି । ଏହି ଅବସରରେ ମିଶନ୍‌ରେ ଅନ୍ତର୍ଭୁକ୍ତ ଥିବା ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କୁ ଡକ୍ଟର ସିଂହ ଅଭିନନ୍ଦନ ଜଣାଇଛନ୍ତି । ଗଣମାଧ୍ୟମକୁ ସମ୍ବୋଧନ କରି ଡକ୍ଟର ସିଂହ କହିଛନ୍ତି,

ଆନ୍ତର୍ଜାତିକ ମହାକାଶ କେନ୍ଦ୍ରର ଦ୍ୱାରଦେଶରେ ଶ୍ରୀ ଶୁକ୍ଲା ପହଞ୍ଚିଛନ୍ତି । ସେହି କେନ୍ଦ୍ରରେ ସେ ୧୪ ଦିନ ଅନ୍ୟ ତିନି ଜଣ ମହାକାଶଚାରୀଙ୍କ ସହ ଅବସ୍ଥାନ କରିବେ ।

ମିଶନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ଡକ୍ଟର ସିଂହ କହିଛନ୍ତି, ଏହି ଅଭିଯାନ ଜୀବବିଜ୍ଞାନ ସହିତ ଜଡ଼ିତ । ବିଶ୍ୱର ଭବିଷ୍ୟତ ମହାକାଶ ଗବେଷଣା କ୍ଷେତ୍ରରେ ଏହି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ସହଯୋଗ ପ୍ରଦାନ କରିବ ବୋଲି ଡକ୍ଟର ସିଂହ କହିଛନ୍ତି ।

**V/O--JITENDRA-SINGH**

## ଗଡ଼କରୀ-ଟୋଲ୍ ଟାକ୍ସ

ଦୁଇ ଚକିଆ ଯାନ ଉପରେ ଟୋଲ ଟିକସ ଲାଗୁ କରିବା ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ୍‌କୁ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଖଣ୍ଡନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗଡ଼କରୀ କହିଛନ୍ତି, ଏପରି କୌଣସି ନିଷ୍ପତ୍ତି ସରକାରଙ୍କ ପ୍ରସ୍ତାବରେ ଆସିନାହିଁ । ଦୁଇ ଚକିଆ ଯାନ ପାଇଁ ଟୋଲ ଉପରେ ସମ୍ପୂର୍ଣ୍ଣ

ଛାଡ଼ ଜାରି ରହିଛି ବୋଲି ସେ କହିଛନ୍ତି । ସେ କହିଛନ୍ତି, କିଛି ଗଣମାଧ୍ୟମ ସଂସ୍ଥା ଏପରି ଭ୍ରମାତ୍ମକ ଖବର ପ୍ରସାର କରିବାକୁ ନେଇ ସେ ନିନ୍ଦା କରିଛନ୍ତି । କୌଣସି ସତ୍ୟତା ନ ଜାଣି ଏପରି ଭୁଲ୍ ଖବର ପ୍ରସାର କରି ଦେଶରେ ଅସ୍ଥିରତା ସୃଷ୍ଟି କରିବା ଉତ୍ତମ ସାମ୍ବାଦିକତାର ଲକ୍ଷଣ ନୁହେଁ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ।

## ଆଧାର ଅଥେଣ୍ଟିକେସନ୍

ସରକାର ବ୍ୟାଙ୍କିଙ୍ଗ ପର୍ସନାଲ୍ ମନୋନୟନ ପ୍ରତିଷ୍ଠାନ ଆଇ.ବି.ପି.ଏସ୍. ଦ୍ୱାରା ପରିଚାଳିତ ପରୀକ୍ଷାରେ ପ୍ରାର୍ଥୀମାନଙ୍କ ବିବରଣୀ ଯାଞ୍ଚ୍ ପାଇଁ ଆଧାର ପ୍ରମାଣିକରଣ ବ୍ୟବହାରକୁ  ଅନୁମୋଦନ କରିଛନ୍ତି । ଅର୍ଥମନ୍ତ୍ରଣାଳୟ ଅଧୀନସ୍ଥ ଆର୍ଥିକ ସେବା ବିଭାଗ ଦ୍ୱାରା ଜାରି ବିଜ୍ଞପ୍ତିରେ ଆଇ.ବି.ପି.ଏସ୍. ପରୀକ୍ଷା ଏବଂ ନିଯୁକ୍ତି ପ୍ରକ୍ରିୟା ସମୟରେ ପ୍ରାର୍ଥିଙ୍କ ପରିଚୟ ଯାଞ୍ଚ୍ ପାଇଁ ଆଧାର ପ୍ରମାଣିକରଣ ବାଧ୍ୟତାମୂଳକ କରିଛନ୍ତି । ଏହି

ପଦକ୍ଷେପ ଫଳରେ ପରୀକ୍ଷା ସମୟରେ ହେଉଥିବା ବିଭିନ୍ନ ଅନିୟମିତତାକୁ ରୋକାଯାଇ ପାରିବ ବୋଲି ସରକାର କହିଛନ୍ତି ।

## ନବଯୌବନ ଦର୍ଶନ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ରଥ-ପଥ-ଭକ୍ତ ପ୍ରସ୍ତୁତ । ଶ୍ରୀଜିଉମାନଙ୍କ ଦିବ୍ୟଦର୍ଶନପାଇଁ ଶ୍ରଦ୍ଧାଳୁମାନେ ଅପେକ୍ଷା କରିଛନ୍ତି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥଯାତ୍ରାର ସୁପରିଚାଳନାପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଏ ସମ୍ପର୍କରେ ଶୁଣନ୍ତୁ ଏକ ସ୍ୱତନ୍ତ୍ର ରିପୋର୍ଟ :

*ପରମ୍ପରା ଅନୁଯାୟୀ, ୧୫ ଦିନର ଅଣସର ପରେ ଶ୍ରୀଜୀଉମାନଙ୍କ ନବଯୌବନ ଦର୍ଶନ କରି ଆଜି ଶ୍ରଦ୍ଧାଳୁମାନେ ଭାବବିହ୍ୱଳ ହୋଇପଡ଼ିଛନ୍ତି । ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଗହଳି ବଢ଼ିବା ସହ ଶ୍ରୀକ୍ଷେତ୍ର ଲୋକାରଣ୍ୟ ହେବାରେ ଲାଗିଛି । ରାଜ୍ୟ ଏବଂ ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରମୁହାଁ ହୋଇଛନ୍ତି । ରଥାରୁଢ଼ ମହାପ୍ରଭୁଙ୍କୁ ବାମନ ରୂପରେ ଦର୍ଶନ କଲେ କୋଟିଜନ୍ମର ପାପକ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି । ଚଳିତବର୍ଷ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପହଣ୍ଡିରୁ ରଥଟଣା ପର୍ଯ୍ୟନ୍ତ ଆସନ୍ତାକାଲିପାଇଁ ସମସ୍ତ ନୀତିନିର୍ଘଣ୍ଟ ସ୍ଥିର*

କରାଯାଇଛି ।  ସକାଳ ୬ଟାରେ ମଙ୍ଗଳ ଆଳତି, ସାଢ଼େ ୬ଟାରେ ତଡ଼ପଲାଗି, ସାଢ଼େ ୭ଟାରେ ଦ୍ୱାରପାଳ ପୂଜା, ୯ଟାରେ ତିନିରଥକୁ ପ୍ରତିଷ୍ଠା କରାଯିବା ପରେ ସାଢ଼େ ୯ଟାରୁ ଠାକୁରଙ୍କର ଗୋଟି ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ପହଣ୍ଡି ଶେଷ କରାଯାଇ ଗୋଟାଏ ମଧ୍ୟରେ ଶ୍ରୀଶ୍ରୀମଦନମୋହନ, ଶ୍ରୀରାମ ଏବଂ ଶ୍ରୀକୃଷ୍ଣ ବିଜେ କରିବେ । ଅପରାହ୍ଣ ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ତିନିରଥରେ ଛେରାପହଁରା କରିବାକୁ ନୀତି ନିର୍ଘଣ୍ଟ ହୋଇଛି । ଅପରାହ୍ଣ ୪ଟାରେ ଚାରମାଳ ଫିଟା, ଘୋଡ଼ା ଏବଂ ସାରଥୀ ଯୋଚାଯାଇ ମହାପ୍ରଭୁଙ୍କ ରଥଟଣା ଆରମ୍ଭ ହେବ ।

ରଥଯାତ୍ରାପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ୩୬୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି । ପ୍ରତ୍ୟେକ ଜିଲ୍ଲାରୁ ପୁରୀକୁ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବସ୍‌ସେବା ସହିତ ୨୦୦ ଅଟୋରିକ୍ସା ଶ୍ରଦ୍ଧାଳୁଙ୍କୁ ମାଗଣା ସେବା ଯୋଗାଇ ଦେବାପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ରଥଯାତ୍ରାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩୮୭ ଜଣ ଡାକ୍ତର, ପାରାମେଡିକାଲ୍ ଷ୍ଟାଫ୍‌ଙ୍କୁ ନିୟୋଜିତ କରାଯାଇଛି । ଚଳିତ ବର୍ଷ ପୁଲିସ୍ ବ୍ୟବସ୍ଥାକୁ ୮ ଭାଗରେ ବିଭକ୍ତ କରାଯାଇଛି । ୨୧ ଆଇ.ପି.ଏସ୍., ୧୨ଶହ ଅଫିସରଙ୍କ ସମେତ ୨୦୫ ପ୍ଲାଟୁନ୍ ପୁଲିସ୍ ଫୋର୍ସର ବ୍ୟବସ୍ଥା କରାଯାଇଛି । ଏହାସହ ପୁରୀ ସହରକୁ ୨୭୫ଟି ଏ.ଆଇ. କ୍ୟାମେରା ନଜରରେ ରଖାଯାଇଛି । ରଥଯାତ୍ରାପାଇଁ

*ସଂସ୍କୃତି ଓ ଆଧ୍ୟାତ୍ମିକସମ୍ପନ୍ନ ସହର ପୁରୀ ଘଣ୍ଟଘଣ୍ଟା, ଖୋଳତାଳ ଏବଂ 'ଜୟ ଜଗନ୍ନାଥ' ଧ୍ୱନିରେ ପ୍ରକମ୍ପିତ ହେଉଛି । ଭକ୍ତ ଓ ଭଗବାନ୍‌ଙ୍କ ଏହି ଅପୂର୍ବ ମିଳନ ଏକ ନିଆରା ଭକ୍ତିମୟ ପରିବେଶ ସୃଷ୍ଟି କରିଛି ।*

*ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ*

# ବୈଷ୍ଣବ-ଟ୍ରେନ୍

କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଗ୍ୱାଲିୟର୍-ବେଙ୍ଗାଲୁରୁ ଏକ୍ସପ୍ରେସ୍ ଟ୍ରେନ୍‌କୁ ଚଳାଚଳର ଶୁଭାରମ୍ଭ କରିଛନ୍ତି । ଏହି ଟ୍ରେନ୍‌ଟି ପ୍ରତ୍ୟେକ ଶୁକ୍ରବାର ଗ୍ୱାଲିୟର୍‌ରୁ ଏବଂ ରବିବାର ବେଙ୍ଗାଲୁରୁରୁ ଯାତ୍ରା ଆରମ୍ଭ କରିବ । ଏହି ନିୟମିତ ସେବା ବେଙ୍ଗାଲୁରୁରୁ ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବାକୁ ଥିବା ବେଳେ ଗ୍ୱାଲିୟର୍‌ରୁ ଏହା ଆସନ୍ତା ଜୁଲାଇ ୪ ତାରିଖରୁ ଆରମ୍ଭ ହେବ ।

ଭିଡ଼ିଓ କନ୍‌ଫରେନ୍ସିଂ ମାଧମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ଟ୍ରେନ୍‌ର ଶୁଭାରମ୍ଭ ହେବା

ଫଳରେ ଗ୍ୱାଲିୟର୍, ଗୁନା ଏବଂ ଭୋପାଳର ଯାତ୍ରୀମାନେ ଉପକୃତ ହେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶରେ ରେଳ ସଂଯୋଗୀକରଣର ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ବୈଷ୍ଣବ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ୧୦ ବର୍ଷ ପୂର୍ବେ ମଧ୍ୟପ୍ରଦେଶର ରେଳ ବଜେଟ୍ ୬୩୨ କୋଟି ଟଙ୍କା ଥିଲା, ଯାହା ଏବେ ୧୪ ହଜାର ୭୪୫ କୋଟି ଟଙ୍କାକୁ ସରକାର ବୃଦ୍ଧି କରିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ୨ହଜାର ୬୫୧ କିଲୋମିଟର ନୂତନ ରେଳ ଲାଇନ୍ ନିର୍ମାଣ କରାଯାଇଛି, ଯାହା ଡେନ୍ମାର୍କର ମୋଟ୍ ରେଳ ସଂଯୋଗୀକରଣରୁ ଅଧିକ ।